# NATIONAL NEWS BULLETIN (ODIA)

## 5 February - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆତ୍ମବିଶ୍ୱାସ ଏବଂ ନିର୍ଣ୍ଣାୟକ ନୀତିଗତ ସଂସ୍କାର ମାଧ୍ୟମରେ ଭାରତ ବିଶ୍ୱର ତୃତୀୟ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି; କହିଲେ ପ୍ରଧାନମନ୍ତ୍ରୀ
- ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମର ନବମ ସଂସ୍କରଣ ଅନୁଷ୍ଠିତ ହେବ ଆସନ୍ତାକାଲି
- ଓଡ଼ିଶା ଗସ୍ତର ଚତୁର୍ଥ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ରାଷ୍ଟ୍ରପତି
- ଛତିଶଗଡ଼ର ବିଜାପୁର ଜିଲ୍ଲାରେ ୧୨ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ

ଏବଂ

- ଭଦୋଦରାଠାରେ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ ମହିଳା ପ୍ରିମିୟର ଲିଗ୍ ଫାଇନାଲ ମ୍ୟାଚ୍

– ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ଆରସିବି

# ଆର୍‌ଏସ୍– ମୋସନ୍ ଅଫ୍ ଥ୍ୟାଙ୍କ୍‌ସ

ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ଓ ନିର୍ଣ୍ଣାୟକ ନୀତିଗତ ସଂସ୍କାର ସହିତ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ରାଜ୍ୟସଭାରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି, ସରକାର ସଂସ୍କାର, କାର୍ଯ୍ୟାନ୍ୱୟନ ଏବଂ ରୂପାନ୍ତରଣର ଦୃଷ୍ଟିକୋଣ ସହିତ ଅଗ୍ରସର ହେଉଛନ୍ତି।

**–VO– PM ON ECONOMY**

ୟୁରୋପୀୟ ସଂଘ ଏବଂ ଆମେରିକା ସମେତ ଅନେକ ରାଷ୍ଟ୍ର ସହିତ ଭାରତ ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷର କରିଛି। ଦେଶ ଏକ ଦୃଢ଼ ଉତ୍ପାଦ ଇକୋସିଷ୍ଟମ ପ୍ରସ୍ତୁତ କରିଛି ଏବଂ ଏହା ଉଦ୍ୟୋଗୀଙ୍କୁ ସମର୍ଥନ ପ୍ରଦାନ କରୁଛି। ଦେଶର ଦକ୍ଷ ଯୁବବର୍ଗଙ୍କ ଯୋଗୁଁ ଭାରତ ଉପରେ ବିଶ୍ୱ ଆସ୍ଥା ପ୍ରକଟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନେକ ଦେଶ ସହିତ ଭାରତ ଏକ ବିଶ୍ୱସ୍ତ ଅଂଶୀଦାରଭାବେ ଠିଆ ହୋଇଛି।

**–VO– PM ON Trade Deal**

ଏହି ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଅଂଶଗ୍ରହଣ କରି ସେମାନଙ୍କର ମତ ଉପସ୍ଥାପନ କରିଛନ୍ତି।

ଲୋକସଭାରେ ଆଜି ଧନ୍ୟବାଦ ପ୍ରସ୍ତାବ ବାଚନିକ ଭୋଟରେ ପାରିତ ହୋଇଛି ।

## ପ୍ରଧାନମନ୍ତ୍ରୀ ପରୀକ୍ଷା ପେ’ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୦ଟାରେ ପରୀକ୍ଷା ପେ’ ଚର୍ଚ୍ଚା ଆଲୋଚନାରେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିବେ । ପରୀକ୍ଷା ପେ’ ଚର୍ଚ୍ଚା କାର୍ଯ୍ୟକ୍ରମର ଏହା ହେବ ନବମ ସଂସ୍କରଣ । ପରୀକ୍ଷା ନେଇ ଛାତ୍ରଛାତ୍ରୀଙ୍କ ଉପରୁ ଚାପ ହ୍ରାସ କରିବା ଏବଂ ପରୀକ୍ଷାକୁ ଏକ ଉତ୍ସବ ଓ ଜୀବନର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ । ଚଳିତ ବର୍ଷ ଦେବମୋଗ୍ରା, କୋଏମ୍ବାଟୋର, ରାୟପୁର, ଗୁଆହାଟୀ ଏବଂ ଦିଲ୍ଲୀର ୭ ଲୋକକଲ୍ୟାଣ ମାର୍ଗରେ ପରୀକ୍ଷା ଯୋଦ୍ଧାଙ୍କ ସହିତ ମଧ୍ୟ ମତବିନିମୟ ଅଧିବେଶନ ଅନୁଷ୍ଠିତ ହେବ । ଶିକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ **mygov** ପୋର୍ଟାଲ ମାଧ୍ୟମରେ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ଏହି କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ କରିଛନ୍ତି । ପରୀକ୍ଷା ପେ’ ଚର୍ଚ୍ଚା କାର୍ଯ୍ୟକ୍ରମ’ ଦୂରଦର୍ଶନ, ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ ଚ୍ୟାନେଲ, ଶିକ୍ଷା ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ସିଧାସଳଖ ପ୍ରସାରଣ କରାଯିବ । ୱେବ୍‌ସ ଓଟିଟିଓ, ଆମାଜନ୍ ପ୍ରାଇମ ଭିଡିଓ, ଜିଓ, ଜି-ଫାଇଭ୍, ସୋନି ଲିଭ୍ ଏବଂ ସ୍ୱଟିପାଏ

ଆଦି ବିଭିନ୍ନ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଓଡ଼ିଶା ଗସ୍ତର ଆଜି ଚତୁର୍ଥ ଦିନରେ ମୟୂରଭଞ୍ଜ ଜିଲ୍ଲା ଗସ୍ତକରି ପାହାଡ଼ପୁର ଗ୍ରାମରେ ସ୍ୱର୍ଗତ ଶ୍ୟାମଚରଣ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ ଓ ସିପୁନ୍ ମୁର୍ମୁଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପରେ ଗୋଷାଣୀ ସ୍ଥଳର ଜାହିରାପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏଲ୍. ଆଣ୍ଡ୍ ଟି. ଦକ୍ଷତା ବିକାଶ କେନ୍ଦ୍ରକୁ ଗସ୍ତକରି ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରିଥିଲେ ।  ପରେ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ ସାଧାରଣ ଜନତାଙ୍କ ସହ ଆଲୋଚନା କରିଥିଲେ । ରାଷ୍ଟ୍ରପତି ଆଜି ଶିମିଳିପାଳସ୍ଥିତ ଗୁଡୁଗୁଡ଼ିଆ ଡାକବଙ୍ଗଳାରେ ରାତ୍ରିଯାପନ କରିବେ ।

# ପିଏମ୍-ମାଲେସିଆ ଭିଜିଟ୍

ମାଲେସିଆ ପ୍ରଧାନମନ୍ତ୍ରୀ ଅନୱ୍ୱର ଇବ୍ରାହିମ୍‌ଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୭ ଏବଂ ୮ ତାରିଖରେ କୁଆଲାଲମପୁର ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ତୃତୀୟ ମାଲେସିଆ ଗସ୍ତ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ

ପି.କୁମାରନ ଗଣମାଧ୍ୟମକୁ କହିଛନ୍ତି । ଶ୍ରୀ କୁମାରନ କହିଛନ୍ତି, ଅଗଷ୍ଟ ୨୦୨୪ରେ ମାଲେସିଆ ପ୍ରଧାନମନ୍ତ୍ରୀ ଶ୍ରୀ ଇବ୍ରାହିମଙ୍କ ଭାରତ ଗସ୍ତ ପରେ ଦ୍ୱିପାକ୍ଷିକ ସମ୍ପର୍କ ଏକ ବ୍ୟାପକ ରଣନୈତିକ ଭାଗିଦାରୀରେ ପରିଣତ ହେବାର ଦେଢ଼ ବର୍ଷ ଭିତରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହି ଗସ୍ତ ଆୟୋଜନ କରାଯାଇଛି । ମାଲେସିଆ ସହିତ ସୁ-ସମ୍ପର୍କ ସ୍ଥାପନ କରିବା ଦିଗରେ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି ।

## ଛତିଶଗଡ଼ ମାଓଇଷ୍ଟ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୮ ଜଣ ମହିଳା କ୍ୟାଡର ଅଛନ୍ତି । ସେମାନଙ୍କ ଉପରେ ମୋଟ ୫୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ବସ୍ତର ରେଞ୍ଜର ପୁଲିସ ମହାନିର୍ଦ୍ଦେଶକ ସୁନ୍ଦର ରାଜ ପି. ଏବଂ ଅନ୍ୟ ବରିଷ୍ଠ ପୁଲିସ ଓ ସି.ଆର୍.ପି.ଏଫ୍. ଅଧିକାରୀଙ୍କ ସମ୍ମୁଖରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି । ଗୋଟିଏ ଏ.କେ.-୪୭ ଏବଂ ବହୁ ଅସ୍ତ୍ରଶସ୍ତ୍ର ଓ ଗୁଳି ସେମାନେ ପୁଲିସକୁ ହସ୍ତାନ୍ତର କରିଛନ୍ତି । ପୁନର୍ବାସ ପ୍ରକ୍ରିୟା ଅଧୀନରେ ପ୍ରତ୍ୟେକ ଆତ୍ମସମର୍ପଣକାରୀ ମାଓବାଦୀଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ଶାହା-ଏଫ୍ଏନ୍ଟିଏ

କେନ୍ଦ୍ର ସରକାର, ନାଗାଲାଣ୍ଡ ସରକାର ଏବଂ ପୂର୍ବ ନାଗାଲାଣ୍ଡ ପିପୁଲ୍ସ ଅର୍ଗାନାଇଜେସନ୍ – ଇ.ଏନ୍.ପି.ଓ. ସୀମାନ୍ତ ନାଗାଲାଣ୍ଡ ଆଞ୍ଚଳିକ କର୍ତ୍ତୃପକ୍ଷ– ଏଫ୍.ଏନ୍.ଟି.ଏ. ଗଠନ ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ନୂଆଦିଲ୍ଲୀରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ନାଗାଲାଣ୍ଡର ମୁଖ୍ୟମନ୍ତ୍ରୀ ନେଫିଉ ରିଓଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ଚୁକ୍ତି ସ୍ୱାକ୍ଷର ଅବସରରେ ଶ୍ରୀ ଶାହା କହିଛନ୍ତି, ନାଗାଲାଣ୍ଡର ଲୋକମାନଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂଘର୍ଷ ଓ ହିଂସାମୁକ୍ତ ଏବଂ ବିକଶିତ ଉତ୍ତର-ପୂର୍ବାଞ୍ଚଳର ପରିକଳ୍ପନା ଅନୁରୂପ ସରକାର ଏହି ପଦକ୍ଷେପ ନେଇ ଆଗକୁ ବଢୁଛନ୍ତି।

## ଇସିଆଇ- ଅବଜରଭର୍ସ ମିଟିଂ

ଆଗାମୀ ବିଧାନସଭା ନିର୍ବାଚନ ଦୃଷ୍ଟିରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ମନୋନୀତ କରିବା ଲକ୍ଷ୍ୟ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ୭୧୪ ସାଧାରଣ

ପର୍ଯ୍ୟବେକ୍ଷକ, ୨୩୩ ପୁଲିସ ପର୍ଯ୍ୟବେକ୍ଷକ, ୪୯୭ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମେତ ୧୪ ଶହରୁ ଅଧିକ ଅଧିକାରୀଙ୍କୁ ସାମିଲ କରାଯାଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନକୁ ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ନିକଟ ଭବିଷ୍ୟତରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

## ପ୍ରିଜନର ଏକ୍ସଚେଞ୍ଜ

ୟୁକ୍ରେନ୍ ଏବଂ ରୁଷ୍ ୩୧୪ ଜଣ କଏଦୀଙ୍କୁ ପ୍ରତ୍ୟର୍ପଣ କରିବାକୁ ସହମତ ହୋଇଥିବା ଆମେରିକା କହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି ଷ୍ଟିଭ୍ ୱିଟ୍‌କପ୍ ଆଜି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଯୁଦ୍ଧ ବିରତି ନେଇ ହୋଇଥିବା ଶାନ୍ତି ଆଲୋଚନାରୁ ଏହି ନିଷ୍କର୍ଷ ବାହାରିଛି। ତେବେ ଯୁଦ୍ଧ ସମାପ୍ତ କରିବା ନେଇ ଉଭୟ ପକ୍ଷରୁ ପଦକ୍ଷେପ ବାକି ରହିଥିବା ସେ ସୂଚନା ଦେଇଛନ୍ତି। ଗତ ୫ ମାସ ମଧ୍ୟରେ ପ୍ରଥମଥର ପାଇଁ ରୁଷ୍ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ହୋଇଛି।

## ପ୍ଲାସ୍‌ଇଣ୍ଡିଆ

ବିଶ୍ୱର ଅନ୍ୟତମ ପ୍ରମୁଖ ପ୍ଲାଷ୍ଟିକ୍ ପ୍ରଦର୍ଶନୀ ପ୍ଲାଷ୍ଟିନିଆ–୨୦୨୬ ଆଜି ନୂଆଦିଲ୍ଲୀରେ ଆରମ୍ଭ ହୋଇଛି। ୬ ଦିନିଆ ଏହି ପ୍ରଦର୍ଶନୀ ଆତ୍ମନିର୍ଭରଶୀଳ ଶିଳ୍ପ ଆଧାର ନିର୍ମାଣ ଉପରେ ଗୁରୁତ୍ୱ ଦେଉଛି। ଏହାଦ୍ୱାରା ଉତ୍ପାଦନ-ପରିଚାଳିତ ଅଭିବୃଦ୍ଧି ଏବଂ ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିବ।  ଏହି ବୈଶ୍ୱିକ ପ୍ରଦର୍ଶନୀର ବିଷୟବସ୍ତୁ ହେଉଛି 'ଭାରତ ନେକ୍ସଟ'। ଏହା 'ବିକାଶିତ' ଏବଂ 'ଆତ୍ମନିର୍ଭର ଭାରତ' ଲକ୍ଷ୍ୟ ହାସଲ କରିବା ଦିଗରେ କରାଯାଇଛି। ଏହି ପ୍ରଦର୍ଶନୀ ଯୁବପିଢ଼ି, ଉଦ୍ଭାବକ ଏବଂ ଷ୍ଟାର୍ଟ-ଅପ୍‌ମାନଙ୍କୁ ପ୍ଲାଷ୍ଟିକ୍ ଶିଳ୍ପର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ହାସଲ କରିବା ଦିଗରେ ସହାୟକ ହୋଇଥାଏ।

# ଡବ୍ଲ୍ୟୁପିଏଲ୍ କ୍ରିକେଟ

ମହିଳା ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟ ଆଉ ଅଳ୍ପ ସମୟ ପରେ ଆରମ୍ଭ ହେବ। ଭଦୋଦରାର କୋଟାମ୍ବିସ୍ଥିତ ବିସିଏ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ଟସ୍ ଜିତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ  ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।

ଏହି ପ୍ରିମିୟର ଲିଗ୍‌ରେ ବିସିସିଆଇ ପକ୍ଷରୁ ପ୍ରାୟ ୧୦ କୋଟି ଟଙ୍କାର ପୁରସ୍କାର ରଖାଯାଇଛି ।